# ଆପଣଙ୍କ ନିଜସ୍ୱ ଦିଗନ୍ତର ସାମ୍ନା କରିବା



DAAJI

ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ବାର୍ତ୍ତା

**ଯୋଗାଶ୍ରମ ଶାହାଜାହାନପୁର ର**

ବ୍ୟାଚ୍ ୪: ୨୪ ରୁ ୨୬ ଫେବୃଆରୀ ୨୦୨୬, ଶାହାଜାହାନପୁର ରେ

# ଆପଣଙ୍କ ନିଜସ୍ୱ ଦିଗନ୍ତର ସାମ୍ନା କରିବା

ପ୍ରିୟ ବନ୍ଧୁଗଣ,

ଏଠାରେ ଆମେ ଏପର୍ଯ୍ୟନ୍ତ ଯାହା ଶିଖିଛୁ ତାହାର ଏକ ସଂକ୍ଷିପ୍ତ ବିବରଣୀ ଦିଆଯାଇଛି:

- "ବିଭକ୍ତ ହୃଦୟ" ରେ, ଆମେ ଗୋଟିଏ ହୃଦୟକୁ ଇଚ୍ଛା ଏବଂ ଆକାଂକ୍ଷା ଆଡକୁ ଦୁଇଟି ଦିଗରେ ଟାଣି ହୋଇଥିବାର ଦେଖିଲୁ।
- "ଉଦ୍ଦେଶ୍ୟ ର ଜାଗରଣ "ରେ, ଆମେ ଏପରି ଏକ ହୃଦୟକୁ ଭେଟିଲୁ ଯାହା ଗତି କରିବା ବନ୍ଦ କରିଦେଇଥିଲା, କାରଣ ଶକ୍ତିର ଅଭାବ ନୁହେଁ , ବରଂ ଉଦ୍ଦେଶ୍ୟର ଅଭାବ।
- "ଏକ ଦୃଢ଼ ମୂଳଦୁଆର ଗଠନ" ରେ, ଆମେ ଏପରି ଏକ ହୃଦୟର ସମ୍ମୁଖୀନ ହେଲୁ ଯାହା ନିଜ ମୂଳଦୁଆ ଉପରେ ବିଶ୍ୱାସ କରୁନଥିଲା, ଏବଂ ନିଜ ଭିତରେ ଆସିଥିବା ପରିବର୍ତ୍ତନ ଉପରେ ସନ୍ଦେହ କରୁଥିଲା।
- "ଆକାଶକୁ ଛୁଇଁବା" ରେ, ଆମେ ଏକ ହୃଦୟ ଦେଖିଲୁ ଯାହା ନିଜ ଆବରଣକୁ ଆକାଶ ବୋଲି ଭାବି ଭୁଲ କରିଥିଲା, ଅହଂକାର ସଫଳତା ଚାରିପାଖରେ ସ୍ଫଟିକ ହୋଇ ରହି ବୃଦ୍ଧିର ପଥଟି ନିଜେ ବନ୍ଦ କରିଥିଲା।

ଏବେ ଆମେ ଏକ ଭିନ୍ନ ପ୍ରକାରେ ଆହତ ଏକ ହୃଦୟର ସମ୍ମୁଖୀନ ହେଉଛୁ। ଏହି ହୃଦୟ ବିଭକ୍ତ, ନିର୍ଜୀବ, ସନ୍ଦେହପୂର୍ଣ୍ଣ କିମ୍ବା ବନ୍ଦ ନୁହେଁ; କିନ୍ତୁ ଏଥିରୁ ରକ୍ତସ୍ରାବ ହେଉଛି । ଏବଂ ଆଶ୍ଚର୍ଯ୍ୟର କଥା, ଏହି କ୍ଷତ ଏହାର ନିଜର ନୁହେଁ।

## ଦୁଇଟି ଅନନ୍ୟ ପ୍ରତିଭା

ଦୁଇଜଣ ସଙ୍ଗୀତଶିଳ୍ପୀ ଜଣେ ଗୁରୁଙ୍କ ନିକଟରେ ଶିକ୍ଷା ନେଇଥିଲେ। ଜଣଙ୍କ ସ୍ୱର ଏମିତି ଥିଲା, ଯାହା ପଥରକୁ ମଧ୍ୟ ଦ୍ରବିଭୂତ କରିପାରେ । ଅନ୍ୟଜଣଙ୍କ ପାଖରେ ଏମିତି ବୈଷୟିକ ସଠିକତା ଥିଲା, ଯାହା ଶ୍ରୋତାମାନଙ୍କୁ ଆଶ୍ଚର୍ଯ୍ୟଚକିତ କରିଦେଇଥାଏ। ଦୁହେଁ ଅସାଧାରଣ। ତଥାପି ଦୁହେଁ ନିଜ ଦାନର ଉତ୍ସବ ରେ ନୁହେଁ, ଅନ୍ୟଜଣଙ୍କ ଦାନକୁ ନ ପାଇଥିବାର ଶୋକରେ ନିଜ ଶକ୍ତି ଖର୍ଚ୍ଚ କରୁଥିଲେ।

ଗାୟକ ଟେକ୍ନିସିଆନଙ୍କ ଶୃଙ୍ଖଳାକୁ ଈର୍ଷା କରୁଥିଲେ। ଟେକ୍ନିସିଆନ ଗାୟକଙ୍କ ପ୍ରାକୃତିକ ଅନୁଗ୍ରହକୁ ଈର୍ଷା କରୁଥିଲେ। ସେମାନଙ୍କ ପାଖରେ ସବୁକିଛି ଥିଲା। କିନ୍ତୁ ପ୍ରତ୍ୟେକଙ୍କ ଭିତରେ, ଏକ ଅଭାବ ଥିଲା।

ଈର୍ଷ୍ୟାର ଏଇ ଅଦ୍ଭୁତ ଗଣିତ: ଯାହା ତୁମ ପାଖରେ ଅଛି—ଯାହା ନାହିଁ, ତାକୁ ଯୋଗ କରି ତାକୁ ହ୍ରାସ କରେ। ଭଣ୍ଡାର ଯେତେ ଭରିଥାଉନା ନାହିଁ, ହିସାବରେ ସବୁବେଳେ କ୍ଷତି ଦେଖାଯାଏ।

ଯଦି ସେମାନେ ନିଜସ୍ୱ ଦିଗନ୍ତର ସମ୍ମୁଖୀନ ହୋଇଥାନ୍ତେ ଏବଂ ସେମାନଙ୍କର ଅନନ୍ୟ ପ୍ରତିଭାର ସମ୍ଭାବନାକୁ ଅନୁସନ୍ଧାନ କରିଥାନ୍ତେ, ତେବେ ହୁଏତ ଗୋଟିଏ ଦିନ ସେମାନେ ବ୍ୟକ୍ତିତ୍ୱର ଗୁରୁତ୍ୱାକର୍ଷଣ ପାର କରି ଅସୀମ ଆକାଶରେ ସାକ୍ଷାତ କରିଥାନ୍ତେ। କିନ୍ତୁ ଏଥିପାଇଁ ଆନ୍ତରିକ କାର୍ଯ୍ୟ ଆବଶ୍ୟକ।

## ପାର୍ଶ୍ୱବର୍ତ୍ତୀ ଦୃଷ୍ଟିକୋଣ

"ଉଦ୍ଦେଶ୍ୟ ର ଜାଗରଣ" ରେ ଆମେ ଗତିର ଦୁଇଟି ଇଞ୍ଜିନ୍ ମଧ୍ୟରେ ଏକ ପାର୍ଥକ୍ୟ ଆଙ୍କିଥିଲୁ। ଗୋଟିଏ ପ୍ରେମ ଦ୍ୱାରା ଟାଣି ହୁଏ, ଏବଂ ତାର ଗନ୍ତବ୍ୟଟିଏ ଥାଏ। ଶକ୍ତି କୌଣସି ଦୀପ୍ତିମାନ ଲକ୍ଷ୍ୟ ଦିଗକୁ ବହିଯାଏ, ଏବଂ ଶରୀର ତାହାକୁ ଅନୁସରଣ କରେ, କାରଣ ହୃଦୟ ପୂର୍ବରୁ ସେଠାକୁ ପହଞ୍ଚିଯାଏ। ଅନ୍ୟଟି ବେଦନାରେ ଧକ୍କା ଖାଇ ଆଗକୁ ବଢ଼େ, ଏବଂ ତାର କୌଣସି ଗନ୍ତବ୍ୟ ନଥାଏ—ପଳାୟନ ମାତ୍ର। ଈର୍ଷ୍ୟା ସମ୍ପୂର୍ଣ୍ଣ ଭାବେ ବେଦନା-ଚାଳିତ। କିନ୍ତୁ ତାର ଦିଗଟିକୁ ଆମେ ଏପର୍ଯ୍ୟନ୍ତ ପରୀକ୍ଷା କରିନାହୁଁ।

ମାତ୍ର। ଇର୍ଷ୍ୟା ସମ୍ପୂର୍ଣ୍ଣ ଭାବେ ବେଦନା-ଚାଳିତ। କିନ୍ତୁ ତାର ଦିଗଟିକୁ ଆମେ ଏପର୍ଯ୍ୟନ୍ତ ପରୀକ୍ଷା କରିନାହୁଁ।

→ ଇଚ୍ଛା ତୁମେ ଯାହା ଚାହୁଁଛ ସେ ଆଡ଼କୁ ଆଗକୁ ଟାଣି ନେଇଥାଏ।

→ ଆଳସ୍ୟ ତୁମକୁ ଗତି କରିବାର କୌଣସି କାରଣ ବିନା, ସ୍ଥିର କରି ରଖିଥାଏ।

→ ସନ୍ଦେହ ତୁମକୁ ତୁମେ ଯାହା ପାଇଛ ତାହାଠାରୁ ଦୂରେଇ, ପଛକୁ ଟାଣି ନେଇଥାଏ।

→ ଅହଂକାର ତୁମକୁ ଏକ ଘେରାରେ ସଙ୍କୁଚିତ କରେ।

→ ଇର୍ଷା ତୁମର ଦୃଷ୍ଟିକୁ ଅନ୍ୟ କାହାର ଦିଗବଳୟ ଉପରେ ସ୍ଥିର କରି ପାର୍ଶ୍ୱକୁ ଟାଣି ନେଇଥାଏ।

"ବିଭକ୍ତ ହୃଦୟ" ରେ ଆମେ ପ୍ରାଚୀନ ପାର୍ଥକ୍ୟ ପ୍ରେୟ ଏବଂ ଶ୍ରେୟ — ଅର୍ଥାତ୍ ସୁଖଦ ଓ ଶ୍ରେୟସ୍କର ବିଷୟରେ ଅନୁସନ୍ଧାନ କରିଥିଲୁ। ଇଚ୍ଛା ଏହି ଦୁଇଟି ମଧ୍ୟରେ ଏକ ଯୁଦ୍ଧ: ମୁଁ ଏବେ ଯାହା ଆନନ୍ଦଦାୟକ ଲାଗୁଛି ତାହାକୁ ବାଛିବି, ନା ଯାହା ମୋତେ ଉତ୍ତରୋତ୍ତର ବୃଦ୍ଧିରେ ସାହାଯ୍ୟ କରିବ ତାହାକୁ? କିନ୍ତୁ ଇର୍ଷ୍ୟା ଆତ୍ମକଲ୍ୟାଣର ପ୍ରଶ୍ନକୁ ସମ୍ପୂର୍ଣ୍ଣ ଛାଡ଼ି ଦେଇ, ତା ସ୍ଥାନରେ ଅନ୍ୟ ଏକ ପ୍ରଶ୍ନକୁ ରଖେ: ସେମାନଙ୍କ ପାଖରେ ଯାହା ଅଛି, ସେଗୁଡିକ ମୋ ପାଖରେ କାହିଁକି ନାହିଁ? ଏହା ନିଜ ଜୀବନ ପ୍ରତି ଅସନ୍ତୋଷ ନୁହେଁ—ଯାହା ତୁମକୁ ବୃଦ୍ଧି ପାଇଁ ଆଗକୁ ଧକ୍କା ଦେଇପାରେ। ଏହା ତୁଳନାରୁ ଜନ୍ମ ନେଉଥିବା ଅସନ୍ତୋଷ; ଏବଂ



ଯଦି ସେମାନେ ନିଜସ୍ୱ ଦିଗନ୍ତର ସମ୍ମୁଖୀନ ହୋଇଥାନ୍ତେ ଏବଂ ସେମାନଙ୍କର ଅନନ୍ୟ ପ୍ରତିଭାର ସମ୍ଭାବନାକୁ ଅନୁସନ୍ଧାନ କରିଥାନ୍ତେ, ତେବେ ହୁଏତ ଗୋଟିଏ ଦିନ ସେମାନେ ବ୍ୟକ୍ତିତ୍ୱର ଗୁରୁତ୍ୱାକର୍ଷଣ ପାର କରି ଅସୀମ ଆକାଶରେ ସାକ୍ଷାତ କରିଥାନ୍ତେ। କିନ୍ତୁ ଏଥିପାଇଁ ଆନ୍ତରିକ କାର୍ଯ୍ୟ ଆବଶ୍ୟକ।

ତୁଳନା କେବେ ଅଗ୍ନିକୁ ପ୍ରଜ୍ୱଳିତ କରେ ନାହିଁ। ସେ ଧୀରେ ଧୀରେ ତୁମକୁ ନିଜ ଭିତରୁ କ୍ଷୟ କରିଥାଏ।

ପ୍ରକୃତ ଆକାଂକ୍ଷା ଦିଗନ୍ତକୁ ଚାହିଁ କହେ, "ଆଉ ଆଗକୁ"।

ଈର୍ଷା ଏପଟ ସେପଟ ଦେଖି କହେ, "ଅନ୍ୟାୟ"।

"ଜାଗରଣର ଉଦ୍ଦେଶ୍ୟ"ରେ ଅଳସୁଆ ବ୍ୟକ୍ତିକୁ ଉପରକୁ ଚାହିଁବାକୁ ପଡିବ। ଈର୍ଷାଳୁ ବ୍ୟକ୍ତିକୁ ଏପଟ ସେପଟ ଦେଖିବା ବନ୍ଦ କରି ନିଜ ଦିଗନ୍ତ ଆଡ଼କୁ ଚାହିଁବାକୁ ପଡିବ। ଦୃଷ୍ଟିର ଦିଗ ଜୀବନର ଦିଗ ନିର୍ଣ୍ଣୟ କରେ।

## ଅଶାନ୍ତିର ପ୍ରକ୍ରିୟା

ଶାନ୍ତି କଷ୍ଟର ଅନୁପସ୍ଥିତି ନୁହେଁ, ବରଂ ଆଭ୍ୟନ୍ତରୀଣ କ୍ରମର ଉପସ୍ଥିତି। ଯେତେବେଳେ ଚେତନା ସ୍ଥିର ହୋଇଯାଏ, ଯେତେବେଳେ ଆଭ୍ୟନ୍ତରୀଣ ଜୀବନର ପ୍ରତ୍ୟେକ ଉପାଦାନ ତାର ଯଥାର୍ଥ ସ୍ଥାନ ଅଧିକାର କରେ, ସେତେବେଳେ ଏକ ସ୍ଥିରତା ଥାଏ ଯାହାକୁ ବାହ୍ୟ ପରିସ୍ଥିତି ବିଚଳିତ କରିପାରିବ ନାହିଁ। ଈର୍ଷା ଠିକ୍ ଏହି ଆଭ୍ୟନ୍ତରୀଣ କ୍ରମକୁ  ଆକ୍ରମଣ କରେ।

ସଂସ୍କୃତ ଶବ୍ଦ "ମତ୍ସର୍ଯ୍ୟ" (मात्सर्य) କେବଳ ଅନ୍ୟ ଜଣଙ୍କ ପାଖରେ ଯାହା ଅଛି ତାହା ଚାହିଁବା ନୁହେଁ ବରଂ ଅନ୍ୟ ଜଣଙ୍କ ପାଖରେ ଏହା ଅଛି ବୋଲି ଦୁଃଖ ଭୋଗିବା। ପାର୍ଥକ୍ୟ



ଶାନ୍ତି କଷ୍ଟର ଅନୁପସ୍ଥିତି ନୁହେଁ, ବରଂ ଆଭ୍ୟନ୍ତରୀଣ କ୍ରମର ଉପସ୍ଥିତି। ଯେତେବେଳେ ଚେତନା ସ୍ଥିର ହୋଇଯାଏ, ଯେତେବେଳେ ଆଭ୍ୟନ୍ତରୀଣ ଜୀବନର ପ୍ରତ୍ୟେକ ଉପାଦାନ ତାର ଯଥାର୍ଥ ସ୍ଥାନ ଅଧିକାର କରେ, ସେତେବେଳେ ଏକ ସ୍ଥିରତା ଥାଏ ଯାହାକୁ ବାହ୍ୟ ପରିସ୍ଥିତି ବିଚଳିତ କରିପାରିବ ନାହିଁ। ଈର୍ଷା ଠିକ୍ ଏହି ଆଭ୍ୟନ୍ତରୀଣ କ୍ରମକୁ ଆକ୍ରମଣ କରେ।

ଗୁରୁତ୍ୱପୂର୍ଣ୍ଣ। ଆକାଂକ୍ଷା ଅନ୍ୟ ଜଣଙ୍କର ସଫଳତାକୁ ଦେଖେ ଏବଂ କୁହେ, "ଏହା ସମ୍ଭବ। ମୋତେ ଏଥିପାଇଁ  କାମ କରିବାକୁ ପଡିବ।" ଈର୍ଷା ସମାନ ସଫଳତାକୁ ଦେଖେ ଏବଂ କୁହେ, "ଏହା ମୋର ହେବା ଉଚିତ ଥିଲା। ବ୍ରହ୍ମାଣ୍ଡ ଅନ୍ୟାୟ କରିଛି।"

ଏହି ମହାଜାଗତିକ ଅନ୍ୟାୟର ଭାବନା ଜଣଙ୍କର ଖୁସିର କେନ୍ଦ୍ରକୁ ନିଜ ବାହାରେ ରଖି ଶାନ୍ତିର ଉତ୍ସକୁ ବିଷାକ୍ତ କରିଦିଏ। ଯେତେବେଳେ ମୋର ସନ୍ତୋଷ ଅନ୍ୟ କାହାଠୁ  ଅଧିକ ରହିବାରେ, କିମ୍ବା କମ୍ ସେ କମ୍ କମ୍ ନ ଥିବା ଉପରେ  ନିର୍ଭର କରେ, ସେତେବେଳେ ମୁଁ ମୋର ଆନ୍ତରିକ ପବିତ୍ର ଆଶ୍ରୟର ଚାବିକୁ ଯେଉଁ ପ୍ରତ୍ୟେକ ଲୋକଙ୍କୁ ମୁଁ ସାକ୍ଷାତ କରେ, ସେମାନଙ୍କ ହାତରେ ଦେଇଦେଇଛି। ପ୍ରତ୍ୟେକଙ୍କର ସଫଳତା ମୋର ବିଫଳତା ହୋଇଯାଏ। ପ୍ରତ୍ୟେକଙ୍କର ଆନନ୍ଦ ମୋର ଦୁଃଖ ପାଲଟି ଯାଏ। ମୁଁ ଅନ୍ୟମାନଙ୍କର ଭାଗ୍ୟର ବନ୍ଦୀ ହୋଇଯାଏ। ମୁଁ ଅନ୍ୟମାନଙ୍କ ଭାଗ୍ୟର ବନ୍ଧକ ହୋଇଯାଏ, ଏବଂ ମୁକ୍ତିର ମୂଲ୍ୟ ସେହି ଶାନ୍ତି ଯାହାକୁ ମୁଁ ଖୋଜୁଛି।

"ଏକ ଦୃଢ଼ ମୂଳଦୁଆ ଗଠନ" ରେ, ଆମେ ଦେଖିଲୁ ଯେ ସନ୍ଦେହ କିପରି ନିଜର ପ୍ରମାଣ ପ୍ରସ୍ତୁତ କରେ, ଅବିଶ୍ୱାସର ପ୍ରତ୍ୟେକ କାରଣକୁ ଚୟନିତ ଭାବରେ ଲକ୍ଷ୍ୟ କରେ ଏବଂ ବିଶ୍ୱାସ କରିବାର ପ୍ରତ୍ୟେକ କାରଣକୁ ଅଣଦେଖା କରେ। ଈର୍ଷା ସମାନ ଅସତ୍ ହିସାବ ଦ୍ୱାରା କାର୍ଯ୍ୟ କରେ। ଈର୍ଷାଳୁ ମନ ଅନ୍ୟ ବ୍ୟକ୍ତିଙ୍କ ପାଖରେ ଥିବା ପ୍ରତ୍ୟେକ ସୁବିଧା ଏବଂ ନିଜ ପରିସ୍ଥିତିର  ପ୍ରତ୍ୟେକ ଅସୁବିଧାକୁ ଲକ୍ଷ୍ୟ କରେ। ଏହା ଏକ ସୂକ୍ଷ୍ମ ଖାତା ରଖେ, କିନ୍ତୁ ଖାତାଟି ଜାଲିଆତି। ଅନ୍ୟ ପକ୍ଷର ସମ୍ପତ୍ତି ଫୁଲାଇ ଦିଆଯାଏ, ଯେତେବେଳେ ଆପଣଙ୍କ ପକ୍ଷର ସମ୍ପତ୍ତି କାମ କରି ଲେଖାଯାଏ। ବାଲାନ୍ସ ସର୍ବଦା ଏକ ଅଭାବ ଦେଖାଏ, କାରଣ ଖାତାର ଉଦ୍ଦେଶ୍ୟ କେବେବି ସଠିକତା ନଥିଲା, ଏହା ଦୁଃଖଦାୟକ ଥିଲା।

## ସାଧକଙ୍କ ମଧ୍ୟରେ ଅଶାନ୍ତି

ଏହା ଏପରି ଏକ ବିଷୟ ଯାହା ବିଷୟରେ ବହୁତ କମ୍ ଆଧ୍ୟାତ୍ମିକ ପରମ୍ପରା ଖୋଲାଖୋଲି ଆଲୋଚନା କରନ୍ତି, କିନ୍ତୁ ପ୍ରତ୍ୟେକ ଆଧ୍ୟାତ୍ମିକ ସମ୍ପ୍ରଦାୟ ଜାଣନ୍ତି: ଆଶ୍ରମର ଦ୍ୱାରଦେଶରେ ଈର୍ଷା ଅଦୃଶ୍ୟ ହୁଏ ନାହିଁ, ବରଂ ଏହା ନିଜକୁ ପରିଷ୍କାର କରେ।

“ଆକାଶକୁ ଛୁଇଁବା” ରେ, ଆମେ ଚାରିଜୀଙ୍କ ପର୍ଯ୍ୟବେକ୍ଷଣକୁ ଅନୁସନ୍ଧାନ କରୁଛୁ ଯେ ଆଧ୍ୟାତ୍ମିକତାର କ୍ଷେତ୍ର ଏତେ ନରମ ଏବଂ ଫଳପ୍ରଦ ଯେ ଯେ ଏହା ଗର୍ବ ପାଇଁ ଉର୍ବର ଭୂମି ହୋଇଯାଏ। ଏହି ସମାନ କୋମଳତା ଏହାକୁ ଈର୍ଷା ପାଇଁ  ମଧ୍ୟ ଉର୍ବର ଭୂମି କରିଥାଏ। ଭୌତିକ ଜଗତରେ, ଈର୍ଷାର ସ୍ୱଷ୍ଟ ବସ୍ତୁ ଅଛି: ଟଙ୍କା, ପଦବୀ, ପ୍ରତିଛବି ଏବଂ ସଫଳତା। ଆଧ୍ୟାତ୍ମିକ ଜଗତରେ, ବସ୍ତୁଗୁଡ଼ିକ ଅଧିକ ସୂକ୍ଷ୍ମ ହୋଇଯାଏ କିନ୍ତୁ କମ୍ ଶକ୍ତିଶାଳୀ ନୁହେଁ। ମାଲିକ ଙ୍କ ନିକଟତର କିଏ? କାହାର ବୈଠକ ଅଧିକ ସମୟ ଧରି ଚାଲିଲା? କାହାର ଅବସ୍ଥା ଗଭୀର ମନେହୁଏ? କାହାକୁ ସ୍ୱୀକୃତି, ପଦୋନ୍ନତି କିମ୍ବା ଦାୟିତ୍ୱ ଦିଆଯାଇଥିଲା? କାହାର  ନାମ  ଉଲ୍ଲେଖ କରାଗଲା? ଏଗୁଡ଼ିକ ହେଉଛି ଆଭ୍ୟନ୍ତରୀଣ ଜଗତର ବିଷୟ, ଆଧ୍ୟାତ୍ମିକ ଜୀବନର ଇନ୍ଦ୍ରିୟ-ବସ୍ତୁ ।

“ଏକ ଦୃଢ଼ ଭିତ୍ତିଭୂମି ନିର୍ମାଣ” ରେ, ଆମେ ଅଷ୍ଟବକ୍ରଙ୍କ ଚେତାବନୀକୁ ଉଦ୍ଧୃତ କରିଥିଲୁ: ଇନ୍ଦ୍ରିୟ ତ୍ୟାଗ। ସେ ଆମକୁ ବିଷ ପରିତ୍ୟାଗ କରିବା ପରି ଇନ୍ଦ୍ରିୟର ବସ୍ତୁଗୁଡ଼ିକୁ ତ୍ୟାଗ କରିବାକୁ କୁହନ୍ତି। ଏହି ଉକ୍ତିଟି ଏଠାରେ ପୂର୍ଣ୍ଣ ବଳ ସହିତ ପ୍ରଯୁଜ୍ୟ। ବାହ୍ୟ ଜଗତର ବିଭ୍ରାନ୍ତି ଏବଂ ସନ୍ଦେହର ଆଭ୍ୟନ୍ତରୀଣ ରୋଗ ବ୍ୟତୀତ, ସାଧକ ଙ୍କ ମଧ୍ୟରେ ଈର୍ଷା ମଧ୍ୟ ସମାନ ବିଷର ଏକ ତୃତୀୟ ଦିଗକୁ ପ୍ରତିନିଧିତ୍ୱ କରେ:

ଏହା ବିଭ୍ରାନ୍ତି ନୁହେଁ, ବାହ୍ୟ ଜଗତ ଆପଣଙ୍କୁ ନିଜଠାରୁ ଦୂରେଇ ନେଉଛି।
ଏହା ସନ୍ଦେହ ନୁହେଁ, ଆନ୍ତରିକ ମନ ନିଜ ଅଭିଜ୍ଞତା ବିରୁଦ୍ଧରେ ବୁଲୁଛି।
ଏହା ଈର୍ଷାରୁ ଜନ୍ମିତ ତୁଳନା, ଯାହା ଧାରଣାକୁ ବିକୃତ କରେ ଏବଂ ଅଶାନ୍ତିର ବୀଜ ବୁଣେ।

ଆଧ୍ୟାତ୍ମିକ ସମ୍ପ୍ରଦାୟ ଏକ ଦର୍ପଣର ପ୍ରକୋଷ୍ଠରେ ପରିଣତ ହୋଇପାରେ, ତୁଳନା ର ସ୍ଥାନ, ଯେଉଁଠାରେ ଆପଣ ନିଜ ଅପେକ୍ଷା ଅନ୍ୟମାନଙ୍କ ଯାତ୍ରା ବିଷୟରେ ଅଧିକ ଜାଣନ୍ତି। ଆପଣଙ୍କୁ ଅନ୍ତର୍ମୁଖୀ ହେବା ରେ ସାହାଯ୍ୟ କରିବା ପରିବର୍ତ୍ତେ, ସମ୍ପ୍ରଦାୟ ଏପରି ଏକ ସ୍ଥାନ ହୋଇପାରେ ଯେଉଁଠାରେ ଆପଣ ନିରନ୍ତର ଏପଟ ସେପଟ ଚାହିଁ ରୁହନ୍ତି।

ଏହି ଶୃଙ୍ଖଳା ସମ୍ପୂର୍ଣ୍ଣ ସଠିକ୍। “ଆକାଶକୁ ଛୁଇଁବା” ରେ ଆମେ ଦେଖିଲୁ ଯେ କିପରି ଅହଂକାର ଅନିୟନ୍ତ୍ରିତ ଭାବରେ ଆଧ୍ୟାତ୍ମିକ ଅଧିକାରର ଭାବନା ସୃଷ୍ଟି କରେ। ଯେତେବେଳେ ସେହି ଅଧିକାର ନିରାଶ ହୁଏ, ଅନ୍ୟ କେହି ଅହଂକାର ଆଶା କରିଥିବା ଜିନିଷ ପାଏ,

ଈର୍ଷା ପ୍ରଜ୍ୱଳିତ ହୁଏ। ଏବଂ ଥରେ ଈର୍ଷା ପ୍ରଜ୍ୱଳିତ ହେଲେ, ଏହା ତୁଳନାକୁ ଜନ୍ମ ଦିଏ, ତୁଳନା ପ୍ରତିଯୋଗିତାକୁ ଜନ୍ମ ଦିଏ, ଏବଂ ପ୍ରତିଯୋଗିତା ସେହି ରାଜନୀତିକୁ ଜନ୍ମ ଦିଏ ଯାହାକୁ ଆଧ୍ୟାତ୍ମିକ ଜୀବନ ନଷ୍ଟ କରିବା ଉଚିତ ଥିଲା। ତା'ପରେ, ଗର୍ବ ଛାତ ତିଆରି କରେ, ଏବଂ ଈର୍ଷା ଘର ପୋଡ଼ି ଦିଏ।

## ମୂଳ କାରଣ

ଈର୍ଷା ପ୍ରକୃତରେ ଅନ୍ୟ ବ୍ୟକ୍ତି ବିଷୟରେ କେବେବି ନୁହେଁ। ଏହା ଏକ ଅପରିକ୍ଷିତ ବିଶ୍ୱାସ ବିଷୟରେ ଯେ ତୁମେ କିଏ ଏବଂ ତୁମର ଯାହା ଅଛି ତାହା ଯଥେଷ୍ଟ ନୁହେଁ। ଏହା ଅଭାବର ଏକ କ୍ଷତ, ଏବଂ ଏହା ଅନ୍ୟ ବ୍ୟକ୍ତିଙ୍କ ସଫଳତାକୁ ଏକ ଦର୍ପଣ ଭାବରେ ବ୍ୟବହାର କରେ ଯେଉଁଥିରେ ତୁମର ନିଜର ଦୁର୍ବଳତା ଦେଖିବାକୁ ମିଳିଥାଏ।

ଏହା ହେଉଛି ସେହି କ୍ଷତ ସମାନ ଯାହାକୁ ଆମେ "ଏକ ଦୃଢ଼ ମୂଳଦୁଆର ଗଠନ" ରେ ପରୀକ୍ଷା କରିଥିଲୁ, ଯାହାକୁ ଏକ ଭିନ୍ନ ଦୃଷ୍ଟିକୋଣରୁ ଦେଖାଯାଇଥିଲା। ଏଗାର ବର୍ଷ ଧରି ଧ୍ୟାନ କରିଥିବା ମହିଳା ଜଣକ ନିଜ ପରିବର୍ତ୍ତନକୁ ବିଶ୍ୱାସ କରିପାରିଲେ ନାହିଁ। ସେ କହୁଥିଲେ , "ଏହା କ'ଣ ପ୍ରକୃତ?" ଈର୍ଷାଳୁ ସାଧକ ଏକ ସମାନ୍ତରାଳ ଭୁଲ କରନ୍ତି। ସେମାନେ ଯାହା ପାଇଛନ୍ତି ତାହା ସନ୍ଦେହ କରିବା ପରିବର୍ତ୍ତେ, ସେମାନେ ଏହା ଯଥେଷ୍ଟ ବୋଲି ଅସ୍ୱୀକାର କରନ୍ତି।

ସନ୍ଦେହ କହେ, "ମୁଁ ଯାହା ଅନୁଭବ କରିଛି ତାହା ବାସ୍ତବ ନୁହେଁ।"
ଈର୍ଷା କହେ, "ମୋତେ ଯାହା ଦିଆଯାଇଛି ତାହା ଯଥେଷ୍ଟ ନୁହେଁ।"



ଈର୍ଷା ପ୍ରକୃତରେ ଅନ୍ୟ ବ୍ୟକ୍ତି ବିଷୟରେ କେବେବି ନୁହେଁ। ଏହା ଏକ ଅପରିକ୍ଷିତ ବିଶ୍ୱାସ ବିଷୟରେ ଯେ ତୁମେ କିଏ ଏବଂ ତୁମର ଯାହା ଅଛି ତାହା ଯଥେଷ୍ଟ ନୁହେଁ। ଏହା ଅଭାବର ଏକ କ୍ଷତ, ଏବଂ ଏହା ଅନ୍ୟ ବ୍ୟକ୍ତିଙ୍କ ସଫଳତାକୁ ଏକ ଦର୍ପଣ ଭାବରେ ବ୍ୟବହାର କରେ ଯେଉଁଥିରେ ତୁମର ନିଜର ଦୁର୍ବଳତା ଦେଖିବାକୁ ମିଳିଥାଏ।

ଗୋଟିଏ ହେଉଛି ବିଶ୍ୱାସର ସଙ୍କଟ, ଏବଂ ଅନ୍ୟଟି ହେଉଛି ସନ୍ତୋଷର ସଙ୍କଟ। ଉଭୟ ଆତ୍ମାକୁ ପୂର୍ବରୁ ଯାହା ହାସଲ କରାଯାଇଛି ସେଥିରେ ବିଶ୍ରାମ ନେବାରୁ ବାଧା ଦିଏ।

ଈର୍ଷା ହେଉଛି ଅହଂକାରର ଛାୟା, ଏହାର ଅବିଚ୍ଛେଦ୍ୟ ସାଥୀ। "ଆକାଶ କୁ ଛୁଇଁବା" ରେ, ଆମେ ଅହଂକାରକୁ ଚିହ୍ନଟର ସବୁଜଗୃହ ଭାବରେ ବର୍ଣ୍ଣନା କରିଛୁ। ଏହାର ଛାୟା, ଈର୍ଷା, ଖୋଲା ଆକାଶରେ ଅନ୍ୟ ଏକ ଗଛକୁ ଉଚ୍ଚ ହେବା ଦେଖି ସହ୍ୟ କରିପାରେ ନାହିଁ। ଈର୍ଷା ପ୍ରକୃତରେ ଅନ୍ୟ ଗଛ ବିଷୟରେ ନୁହେଁ। ଛାତ ବିଷୟରେ, ଅହଂକାର ଦ୍ୱାରା ନିର୍ମିତ ଏବଂ ଏବେ ସ୍ୱୀକାର କରିବାକୁ ସହ୍ୟ କରିପାରୁନଥିବା କାଚ ଆବରଣ ବିଷୟରେ।

ସେଥିପାଇଁ ଅନ୍ୟ କାହା ପାଖରେ ଯାହା ଅଛି ତାହା ହାସଲ କରି ଈର୍ଷାର ଚିକିତ୍ସା କରାଯାଇପାରିବ ନାହିଁ, କାରଣ ଲକ୍ଷ୍ୟସ୍ଥଳ ପରିବର୍ତ୍ତନ ହୁଏ। ଯେଉଁ ବ୍ୟକ୍ତି ଅନ୍ୟ କାହାର ପଦବୀ ପ୍ରତି ଈର୍ଷା କରୁଥିଲା, ସେ ସେହି ପଦବୀ ପାଇଲେ ଅନ୍ୟ କାହାକୁ ଈର୍ଷା କରିବ। କ୍ଷତ କିଛି ଅଭାବରେ ନୁହେଁ। କ୍ଷତ ହେଉଛି ଏହି ବିଶ୍ୱାସରେ ଯେ କିଛି ସେମାନଙ୍କୁ ପୂରଣ କରିବ।

ହାର୍ଟଫୁଲନେସର ସନ୍ଧ୍ୟାକାଳୀନ ସଫାଇ ଅଭ୍ୟାସ ଏହାକୁ ସିଧାସଳଖ ସମ୍ବୋଧିତ କରେ। ଯେତେବେଳେ ଆମେ ପ୍ରତ୍ୟେକ ସନ୍ଧ୍ୟାରେ ବସି ଦିନର ଛାପକୁ ଛାଡ଼ି ଦେଉଛୁ, ସେତେବେଳେ ଆମେ କେବଳ ସେହି ଘଟଣାଗୁଡ଼ିକୁ ନୁହେଁ ବରଂ ସେଗୁଡ଼ିକୁ ଘେରି ରହିଥିବା ଆମର ଚିନ୍ତାଧାରାଗୁଡ଼ିକୁ ମଧ୍ୟ ଛାଡୁଛୁ। ଜଣେ ସହକର୍ମୀଙ୍କ ପଦୋନ୍ନତି ଏକ ଘଟଣା ଥିଲା। ଏହା ଶୁଣିବା ପରେ ଆପଣଙ୍କ ହୃଦୟରେ ଯେଉଁ ଜଳୁଥିବା ଅନୁଭବ ତାହା ଆପଣଙ୍କ ନିଜସ୍ୱ ଚିନ୍ତାଧାରା ଥିଲା, ଯାହା ଆପଣଙ୍କ ନିଜସ୍ୱ କ୍ଷତ ଦ୍ୱାରା ବୃଦ୍ଧି ପାଇଥିଲା ଏବଂ ଏହି ବିଶ୍ୱାସ ଦ୍ୱାରା ଛାଣି ଦିଆଯାଇଥିଲା ଯେ ଅନ୍ୟ କାହାର ଲାଭ ହେଉଛି ଆପଣଙ୍କ କ୍ଷତି।

କିନ୍ତୁ ଏହିଠାରେ କଷ୍ଟ ରହିଛି, ଏବଂ ଏହା ଆମେ "ବିଭକ୍ତ ହୃଦୟ" ରେ ଆବିଷ୍କାର କରିଛୁ। ସଫାଇ ସେଇ କଥାକୁ ମାତ୍ର ଦୂର କରେ, ଯାହାକୁ ହୃଦୟ ଛାଡ଼ିବାକୁ ପ୍ରସ୍ତୁତ। ଯେତେବେଳେ କୌଣସି ପ୍ରବୃତ୍ତିକୁ ଗୁପ୍ତ ଭାବେ ଆମେ ଆଦର କରୁ,ଯେତେବେଳେ ମାନସିକତାର କିଛି

ଅଂଶ ଏହାକୁ ଲୁକ୍କାୟିତ ସ୍ନେହ ସହିତ ଧରି ରଖେ, ସଫାଇ ଏକ ପ୍ରତିବନ୍ଧକ ର ସାମ୍ନା କରେ। ଈର୍ଷା ଛାଡିବା ପାଇଁ ସବୁଠାରୁ କଷ୍ଟକର ପ୍ରଭାବ ମଧ୍ୟରୁ ଗୋଟିଏ କାରଣ ଆପଣ ଈର୍ଷାଳୁ ସ୍ୱୀକାର କରିବା ଲଜ୍ଜାଜନକ। ଆମେ କ୍ରୋଧ, ଆଳସ୍ୟ ଏବଂ ସନ୍ଦେହକୁ ସ୍ୱୀକାର କରୁ, କିନ୍ତୁ ଈର୍ଷା? "ମୁଁ ସେହି ବ୍ୟକ୍ତିଙ୍କ ଆଧ୍ୟାତ୍ମିକ ଅବସ୍ଥା ପ୍ରତି ଈର୍ଷାଳୁ," କହିବା ପାଇଁ ଏକ ନମ୍ରତା ଆବଶ୍ୟକ ଯାହା ଈର୍ଷାଳୁ ଅହଂକାର ମାନିବାକୁ ଅନିଚ୍ଛୁକ। କ୍ଷତଟି ଲୁକ୍କାୟିତ ରହିଥାଏ କାରଣ ଏହାକୁ ଦେଖିବା ଅର୍ଥ ହେବ ଯେ ଜଣଙ୍କର ନିଜସ୍ୱ ଆତ୍ମ-ପ୍ରତିଛବି ଭାଙ୍ଗି ଯାଇଛି ବୋଲି ସ୍ୱୀକାର କରିବା। ଏବଂ ଏହା ବର୍ଷ ପରେ ବର୍ଷ ଏତେ ଗଭୀର ହୁଏ ଯେ କେବଳ ସନ୍ଧ୍ୟାର ସଫାଇ ଏହା ପାଖରେ ପହଞ୍ଚି ପାରେ ନି, କୌଶଳ ପର୍ଯ୍ୟାପ୍ତ ବୋଲି ନୁହେଁ ବରଂ ହୃଦୟ ଏପର୍ଯ୍ୟନ୍ତ ପ୍ରସ୍ତୁତ ନୁହେଁ ଏଥି ପାଇଁ।

## ଶାନ୍ତିକୁ କ'ଣ ସ୍ଥିର କରେ

ସନ୍ତୋଷ, ତ୍ୟାଗ ନୁହେଁ କିମ୍ବା କମ୍ ଗ୍ରହଣ ନୁହେଁ। ଏହା ହେଉଛି ଗଭୀର ସ୍ୱୀକୃତି ଯେ ଆପଣଙ୍କୁ ଯାହା ମିଳିଛି ତାହା ହିଁ ଆପଣଙ୍କ ଯାତ୍ରା ପାଇଁ ଆବଶ୍ୟକ; ଅନ୍ୟ କାହାର ଯାତ୍ରା ପାଇଁ ନୁହେଁ, ବରଂ ଆପଣଙ୍କର।

ଏକ ବୀଜ ଗଛକୁ ଈର୍ଷା କରେ ନାହିଁ। ଏହା ସମ୍ପୂର୍ଣ୍ଣ ବୀଜ ହୋଇ ଗଛ ହୋଇଯାଏ। ଅନ୍ୟମାନେ କ'ଣ ହୋଇଛନ୍ତି ତାହା ଦେଖି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇପାରିବ ନାହିଁ। ଏହାକୁ କେବଳ ପର୍ଯ୍ୟାୟକ୍ରମେ, ଧୈର୍ଯ୍ୟ ଏବଂ ବିଶ୍ୱାସ ସହିତ ବଞ୍ଚିହେବ ଯେ, ବ୍ରହ୍ମାଣ୍ଡକୁ ପରିଚାଳନା କରୁଥିବା ବୁଦ୍ଧି ଆପଣଙ୍କ ଭିତରେ ଯାହା ରଖିଛି ସେଥିରେ କୌଣସି ତ୍ରୁଟି କରିନାହିଁ।



ସନ୍ତୋଷ, ତ୍ୟାଗ ନୁହେଁ କିମ୍ବା କମ୍ ଗ୍ରହଣ ନୁହେଁ। ଏହା ହେଉଛି ଗଭୀର ସ୍ୱୀକୃତି ଯେ ଆପଣଙ୍କୁ ଯାହା ମିଳିଛି ତାହା ହିଁ ଆପଣଙ୍କ ଯାତ୍ରା ପାଇଁ ଆବଶ୍ୟକ; ଅନ୍ୟ କାହାର ଯାତ୍ରା ପାଇଁ ନୁହେଁ, ବରଂ ଆପଣଙ୍କର।

“ଉଦ୍ଦେଶ୍ୟର ଜାଗରଣ” ରେ, ଆମେ ଇକିଗାଇର ଜାପାନୀ ଧାରଣା, ବଂଚିବାର କାରଣ, ସକାଳେ ଉଠିବାର କାରଣ ଅନୁସନ୍ଧାନ କରିଥିଲୁ। ଯିଏ ନିଜର ଇକିଗାଇ ପାଇଛି ସେ ତୁଳନା କରେ ନାହିଁ। ତୁଳନା ସେତେବେଳେ ହୁଏ ଯେତେବେଳେ ଉଦ୍ଦେଶ୍ୟ ଆବିଷ୍କାର ହେବା ଅପେକ୍ଷା ଉଧାର ନିଆଯାଇଥାଏ। ତୁମେ ଅନ୍ୟମାନଙ୍କ ପାଖରେ ଯାହା ଅଛି ତାହା ଈର୍ଷା କରୁଛ କାରଣ ତୁମେ ଏପର୍ଯ୍ୟନ୍ତ ଯାହା ଅନନ୍ୟ ଭାବରେ ତୁମର ତାହା ଆବିଷ୍କାର କରିନାହିଁ। ଉଧାର ନିଆଯାଇଥିବା ଆଘାତ ମଧ୍ୟ ଏକ ଉଧାର ଉଦ୍ଦେଶ୍ୟ: ଅନ୍ୟ କାହାର ଲିପି ଅନୁସାରେ ନିଜ ଜୀବନକୁ ମାପ କରିବା କାରଣ ତୁମେ ଏପର୍ଯ୍ୟନ୍ତ ନିଜ ଜୀବନ ର ଲିପି ଲେଖି ନାହିଁ।

ଯେତେବେଳେ ଧ୍ୟାନ ଗଭୀର ହୁଏ, ଈର୍ଷାଳୁ ମନରେ କିଛି ଉଲ୍ଲେଖନୀୟ ଘଟଣା ଘଟେ। ଏହା ଦେଖିବାକୁ ଆରମ୍ଭ କରେ ଯେ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ସଂସ୍କାର, ନିଜ ନିଜ ସଂଗୃହିତ ପ୍ରଭାବ ଏବଂ ନିଜସ୍ୱ ପାଠ୍ୟକ୍ରମ ଦ୍ୱାରା ଆକୃତି ପାଇଥିବା ପଥ ଉପରେ ଚାଲୁଛନ୍ତି। ଅନ୍ୟର ସୁବିଧା ଭାବରେ ଯାହା ଦେଖାଯାଏ ତାହା ସେମାନଙ୍କର ସର୍ବବୃହତ ପରୀକ୍ଷା ହୋଇପାରେ। ଆପଣଙ୍କର ଅସୁବିଧା ଭାବରେ ଯାହା ଦେଖାଯାଏ ତାହା ଆପଣଙ୍କର ସବୁଠାରୁ ଶକ୍ତିଶାଳୀ ଶିକ୍ଷକ ହୋଇପାରେ। ବ୍ରହ୍ମାଣ୍ଡ ଏକ ପ୍ରତିଯୋଗିତା ନୁହେଁ, ଏହା ଏକ ବିଦ୍ୟାଳୟ, ଏବଂ ପ୍ରତ୍ୟେକ ଛାତ୍ରଙ୍କର ଏକ ଭିନ୍ନ ପାଠ୍ୟକ୍ରମ ଅଛି।

ଯଦି ଦୁଇ ସଂଗୀତଜ୍ଞ ଏହାକୁ ବୁଝିପାରିଥାନ୍ତେ, ତେବେ ସେମାନେ ଜାଣିପାରିଥାନ୍ତେ ଯେ ସେମାନଙ୍କର ଦାନ ପ୍ରତିଯୋଗିତାରେ ନାହିଁ। ସ୍ୱର ଏବଂ କୌଶଳ ସମାନ ସଙ୍ଗୀତର ଦୁଇଟି ପ୍ରକାଶନ ଥିଲା, ପ୍ରତ୍ୟେକ ଅନ୍ୟ ଜଣଙ୍କ ବିନା ଅସମ୍ପୂର୍ଣ୍ଣ, ପ୍ରତ୍ୟେକ ଅନ୍ୟ ଜଣଙ୍କ ଅସ୍ତିତ୍ୱ ଦ୍ୱାରା ସମୃଦ୍ଧ। ସେମାନେ ପ୍ରତିଦ୍ୱନ୍ଦ୍ୱୀ ନଥିଲେ; ସେମାନେ ପ୍ରତ୍ୟେକଟି ଏକ ସମନ୍ୱୟ ଯାହା କେବଳ ଏକାଠି ସମ୍ଭବ ତାର ଅର୍ଦ୍ଧ ଅଂଶ ଥିଲେ।

## ଯେଉଁ ହୃଦୟ ନିଜର ଗଭୀରତା ଜାଣେ

ଯେତେବେଳେ ତୁମେ ଅନ୍ୟ କାହାର ସ୍କ୍ରିପ୍ଟ ପଢିବା ବନ୍ଦ କରି ନିଜ ଜୀବନ ଜିଇଁବା ଆରମ୍ଭ କର, ସେତେବେଳେ ଶାନ୍ତି ଫେରି ଆସେ। କଲମ ତୁମ ହାତରେ ଅଛି। ପୃଷ୍ଠାଟି ତୁମ ସାମ୍ନାରେ ଅଛି। ତୁମ ପାଖରେ ଥିବା ପୃଷ୍ଠାକୁ ନ ଦେଖି କେବଳ ତୁମର ଯାହା ଅଛି ତାହା ଲେଖିବାର ଇଚ୍ଛା ବାକି ରହେ।

ଯେତେବେଳେ ତୁମେ ଅନ୍ୟ କାହାର ସ୍କ୍ରିପ୍ଟ ପଢ଼ିବା ବନ୍ଦ କରି ନିଜ ଜୀବନ ଜିଇଁବା ଆରମ୍ଭ କର, ସେତେବେଳେ ଶାନ୍ତି ଫେରି ଆସେ। କଲମ ତୁମ ହାତରେ ଅଛି। ପୃଷ୍ଠାଟି ତୁମ ସାମ୍ନାରେ ଅଛି। ତୁମ ପାଖରେ ଥିବା ପୃଷ୍ଠାକୁ ନ ଦେଖି କେବଳ ତୁମର ଯାହା ଅଛି ତାହା ଲେଖିବାର ଇଚ୍ଛା ବାକି ରହେ।



ବାବୁଜୀ ସବୁଠାରୁ ନମ୍ର ବ୍ୟକ୍ତିଙ୍କୁ ରାଜା ଅପେକ୍ଷା ଅଧିକ ସମୃଦ୍ଧ ଜୀବନଯାପନ କରିପାରନ୍ତି ବୋଲି ବର୍ଣ୍ଣନା କରିଥିଲେ, ଏପରି ଏକ ହୃଦୟ ଯାହା ସମସ୍ତଙ୍କ ଠାରୁ ଅଜଣା ଭାବରେ 'ଆଶ୍ଚର୍ଯ୍ୟର ଆଶ୍ଚର୍ଯ୍ୟ'କୁ ଲୁଚାଇ ରଖେ। ଏପରି ହୃଦୟ ବିଶ୍ୱ ଦ୍ୱାରା ମହାନ ଭାବରେ ସ୍ୱୀକୃତିପ୍ରାପ୍ତ ବ୍ୟକ୍ତିଙ୍କ ଭାଗ୍ୟକୁ ଈର୍ଷା କରେ ନାହିଁ। କାରଣ ଏହା ନୁହେଁ ଯେ ଆବେଗକୁ ଦମନ କରିଛି, ବରଂ କାରଣ ଏହା ଯେ ନିଜ ଭିତରେ ଏତେ ଗଭୀର ଭାବରେ କିଛିର ସ୍ୱାଦ ପାଇଛି ଯେ ଅନ୍ୟମାନଙ୍କର ଉପରି ଉପଲବ୍ଧି ପଞ୍ଜିକୃତ ହେବା ବନ୍ଦ ହୋଇଯାଇଛି। ଯେତେବେଳେ ଆପଣ ଜାଣିବେ ଯେ ଆପଣ ଯାହାର ଅଭାବ ଅନୁଭବ କରୁଥିଲେ ତାହାର ଆପଣଙ୍କ ପାଖରେ କେବେ ଅଭାବ ନଥିଲା, ସେତେବେଳେ କ୍ଷତ ଭଲ ହୋଇଯାଏ। ଆପଣ କେବଳ ଭୁଲ ଦିଗରେ ଦେଖୁଥିଲେ।

ଯେଉଁ ହୃଦୟ ନିଜର ଗଭୀରତାର ସ୍ୱାଦ ନେଇସାରିଛି, ସେ ଅନ୍ୟ କୌଣସି ଉପରି ଜିନିଷର ଲୋଭ କରେ ନାହିଁ। କିଛି ସମୟ ପାଇଁ ଧ୍ୟାନରେ ବସ, ନିଜ ଭିତରେ ଗଭୀର ଅନୁସନ୍ଧାନ କର, ଏବଂ ତୁମେ ସେଠାରେ ଏପରି କିଛି ପାଇବ ଯାହା ଅନ୍ୟ କାହା ପାଖରେ ନାହିଁ ଏବଂ କେହି ତୁମଠାରୁ ଛଡ଼ାଇ ନେଇ ପାରିବ ନାହିଁ। ସେହି ଅବସ୍ଥାରୁ ଦେଖିଲେ, ଈର୍ଷ୍ୟାକୁ ଦମନ କରିବାକୁ ପଡ଼େନି; ସେ ଉଦ୍ଭବ ହେବା ପାଇଁ କୌଣସି କାରଣ ମିଳେନାହିଁ।

ଆସନ୍ତୁ ସଂକ୍ଷେପରେ କହିବା:

- ବିଭକ୍ତ ହୃଦୟ ରେ, ଆମେ ଶିଖିଛୁ ଯେ ଇଚ୍ଛା ଆମକୁ ବିଭାଜିତ କରେ ଯେପର୍ଯ୍ୟନ୍ତ ଆମେ ବୁଦ୍ଧିମାନ ଭାବରେ ବାଛିବା ଶିଖିନାହୁଁ।

- ଉଦ୍ଦେଶ୍ୟର ଜାଗରଣରେ, ଜଡତା ଆମକୁ ଅଟକାଇ ରଖେ ଯେପର୍ଯ୍ୟନ୍ତ ଆମେ ନିଆଁ ଜାଳି ନଥାଉ ଏବଂ ଆମର ଉଦ୍ଦେଶ୍ୟ ପାଇ ନଥାଉ।

- ଏକ ଦୃଢ଼ ମୂଳଦୁଆ ଗଠନ କରିବାରେ, ସନ୍ଦେହ ଆମକୁ କ୍ଷୟ କରେ ଯେପର୍ଯ୍ୟନ୍ତ ଆମେ ଏହାକୁ ସଠିକ୍ ଭାବରେ ଦେଖି ନ ଥାଉ ଏବଂ ଆମର ନିଜ ଅଭିଜ୍ଞତାକୁ ବିଶ୍ୱାସ କରିବାକୁ ଶିଖି ନ ଥାଉ।

- ଆକାଶକୁ ଛୁଇଁବା ରେ, ଅହଂକାର ଆମକୁ ଘେରି ରଖେ, ଏବଂ ନମ୍ରତା ଆମକୁ ମୁକ୍ତ କରେ।

- "ଆପଣଙ୍କ ନିଜସ୍ୱ ଦିଗନ୍ତର ସାମ୍ନା କରିବା" ରେ ଆମେ ଶିଖୁଛୁ ଯେ ଈର୍ଷା ଆମର ଭିତରର ଦିଗଦର୍ଶନକୁ ପରିବର୍ତ୍ତନ କରେ, ଏହାକୁ ଲକ୍ଷ୍ୟଠାରୁ ଦୂରେଇ ଦିଏ, ଯାହା ଫଳରେ ଅନ୍ୟ କାହାର ସଫଳତା ଆମର ନିଜର କ୍ଷତି ହୋଇଯାଏ। ଈର୍ଷା ଆମ ନିଜସ୍ୱ ବାସ୍ତବତାରୁ ଜନ୍ମିତ ଯନ୍ତ୍ରଣା ନୁହେଁ, ବରଂ ତୁଳନାତ୍ମକ।

ପାଞ୍ଚଟି ବିଷ ଅଛି, ଏବଂ ପ୍ରତ୍ୟେକଟି ଆପଣଙ୍କୁ ଲକ୍ଷ୍ୟଠାରୁ ଦୂରେଇ ନେଇଯାଏ:
ଇଚ୍ଛା କହେ, "ମୁଁ ସେଠାରେ ଯାହା ଅଛି ତାହା ଚାହୁଁଛି।"
ଆଳସ୍ୟ କହେ, "ମୁଁ ଯେଉଁଠାରେ ପହଞ୍ଚିବା ଆବଶ୍ୟକ ସେଠାରେ ପହଞ୍ଚି ପାରିବି ନାହିଁ।"
ସନ୍ଦେହ କହେ, "ମୁଁ ଯେଉଁଠାରେ ପହଞ୍ଚିଛି ତାହା ପ୍ରକୃତ ନୁହେଁ।
"ଅହଂକାର କହେ, "ମୁଁ ଯେଉଁଠାରେ ପହଞ୍ଚିଛି ତାହା ମୋର।"
ଈର୍ଷା କହେ, "ସେମାନେ ଯେଉଁଠାରେ ପହଞ୍ଚିଛନ୍ତି ତାହା ମୋର ହେବା ଉଚିତ ଥିଲା।"

ଏହି ପାଞ୍ଚଟିର ପ୍ରତିଷେଧକ ହେଉଛି ଏକକ, ନୀରବ ବିପ୍ଳବ: ସମ୍ପୂର୍ଣ୍ଣ ଭାବରେ, ବିନା ବାଧାରେ, ସାହସର ସହିତ ଏହି ହୃଦୟରେ, ଏହି ନିଶ୍ୱାସରେ, ଏହି ଜୀବନରେ ଯାହା ଆପଣଙ୍କୁ ଦିଆଯାଇଛି ଏବଂ ଅନ୍ୟ କାହାକୁ ନୁହେଁ, ଏବଂ ଏପରି କାରଣ ପାଇଁ ଯାହା କେବଳ ଆପଣଙ୍କ ନିଜ ଯାତ୍ରା ପ୍ରକାଶ କରିବ।

ତୁମର ନିଜସ୍ୱ ଦିଗନ୍ତର ସାମ୍ନା କର ଏବଂ ସାହସର ସହିତ ତୁମର ଅନନ୍ୟ ପଥରେ ଚାଲ।

ପ୍ରେମ ଏବଂ ପ୍ରାର୍ଥନା ସହିତ,
**କମଲେଶ**





## ଦାଜୀ ଙ୍କ ସହ ମାଷ୍ଟରକ୍ଲାସ୍

ଆପଣ ଯେକୌଣସି ସମୟରେ ହାର୍ଟଫୁଲନେସ୍ ଧ୍ୟାନ ଆରମ୍ଭ କରିପାରିବେ! ଦାଜୀଙ୍କ ସହିତ ଏକ ତିନି ଭାଗ ବିଶିଷ୍ଟ ମାଷ୍ଟରକ୍ଲାସ୍ ସିରିଜରେ ଯୋଗ ଦିଅନ୍ତୁ, ଯେଉଁଠାରେ ସେ ହାର୍ଟଫୁଲନେସ୍ ପଦ୍ଧତିର ଲାଭ ବାଣ୍ଟିବେ ଏବଂ ଆପଣଙ୍କ ଦୈନନ୍ଦିନ କାର୍ଯ୍ୟରେ ହାର୍ଟଫୁଲନେସ୍ ଆରାମ, ଧ୍ୟାନ, ପରିଷ୍କାର ଏବଂ ପ୍ରାର୍ଥନାକୁ କିପରି ସାମିଲ କରିବେ ତାହା ବ୍ୟାଖ୍ୟା କରିବେ। ସମସ୍ତ ମାଷ୍ଟରକ୍ଲାସ୍ ନିଃଶୁଳ୍କ।

https://heartfulness.org/global/masterclass/

## Heartfulness Practices

ହାର୍ଟଫୁଲନେସ୍ ଅଭ୍ୟାସଗୁଡ଼ିକ ଆବିଷ୍କାର କରନ୍ତୁ – ଆରାମ କରିବା, ଧ୍ୟାନ କରିବା, ପରିଷ୍କାର କରିବା ଏବଂ ପ୍ରାର୍ଥନା କରିବା ଶିଖନ୍ତୁ।

https://heartfulness.org/in-en/heartfulness-practices/

heartfulness

purity weaves destiny

